# Akashvani, Sambalpur

# SAMBALPURI NEWS EVENING BULLETIN

## 16 August 2026-7.02- 7.12 pm.

---

୧- ରାଏଜେ ବଏଡ୍ ପରିସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ୍ ସଚିବ ।

- ସ୍ଥିତିର୍ ପରିଚାଳନା ଲାଗି ୩ ଟା ଜିଲ୍ଲାକେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ପଠାଲେ ରାଜ୍ୟ ସର୍କାର୍ ।

୨- ଓଡ଼ିଶା ପୁଲିସ୍ର ନୂଆଁ ଆରକ୍ଷୀ ମହାନିର୍ଦ୍ଦେଶକ୍ ଭାବେ ଅତିରିକ୍ତ ଦାୟିତ୍ୱ ନେଲେ କ୍ରାଇମ୍ବ୍ରାଂଚ୍ ଡିଜି ବିନୟତୋଷ୍ ମିଶ୍ର ।

- ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଚାକିରୀନୁ ନେଲେ ଅବସର ।

୩- ଆଘର୍ ପ୍ରଧାନ୍ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ତିରୋଧାନ୍ ଦିବସ୍ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନଉଛେ ସାରା ଦେଶ୍ ।

ଆଉର୍

୪- ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ସବୁ ଜିଲ୍ଲା ନ ବର୍ଷାର୍ ସମ୍ଭାବନା ।

ଅନୁ ଗର୍ଗ       ଭୁବନେଶ୍ୱର୍ ସମ୍ବାଦଦାତା

ଲଗାଏତ୍ ବର୍ଷା ଲାଗି ହେଇଥିବା ବନ୍ୟା ଥିତିକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଉଛନ୍ ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ରାଏଜେ ୯ଶହ ୫୩ ମିଲିମିଟର୍ ବର୍ଷା ହେଇଛେ । ସ୍ୱାଭାବିକ୍‌ନୁ ଇଟା ୨୦ ପ୍ରତିଶତ୍ ଅଏତ୍‌କା ଆଏ ବଲି ସେ କହିଛନ୍ । ବଏଢ୍ ଥିତିର୍ ମୁକାବିଲା ଲାଗି ରାଜ୍ୟ ସର୍‌କାର୍ ସବୁ କର୍ମଚାରୀମାନ୍‌କର୍ ଛୁଟି ବାତିଲ୍ କରିଛନ୍ । ଯେନ୍‌ମାନେ ଭିଲ୍ ଛୁଟିଥି ଅଛନ୍, ସେମାନ୍‌କର୍ ଛୁଟିକେ ସର୍‌କାର୍ ବାତିଲ୍ କରିଥିବା ଶ୍ରୀମତୀ ଗର୍ଗ କହିଛନ୍ । ରାଜ୍ୟ ସର୍‌କାର୍ ୩ ଝନ୍ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ୩ ଟା ଜିଲ୍ଲାକେ ପଠାବାର୍‌କେ ନିଷ୍ପତି ନେଇଛନ୍ । ମୁଖ୍ୟ ଶାସନ୍ ସଚିବ କହିଛନ୍, ଭଦ୍ରକ୍, ଯାଜ୍‌ପୁର୍ ଆର୍ ବାଲେଶ୍ୱର୍‌କେ ଇ ୩ ଝନ୍ ଅଧିକାରୀ ଯାଇକରି ଜିଲ୍ଲାପାଲ୍‌ମାନ୍‌କୁ ବଏଢ୍ ପରିଚାଲନା କ୍ଷେତ୍ର୍‌ଥି ସହଯୋଗ୍ କର୍‌ବେ । ସେଆଡ୍େ ବାଲେଶ୍ୱର୍‌କେ ଝନେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପଠାଯାଇଥିବାର୍ ବେଲେ ଭଦ୍ରକ୍ ଆଉ ଯାଜ୍‌ପୁର୍‌କେ ବରିଷ୍ଠ ଅଧିକ୍ଷଣ୍ ଯନ୍ତ୍ରୀଙ୍କୁ ପଠାଯାଇଛେ । ଆଏଜ୍‌ତକ୍ ହେଇଥିବା ବଏଢ୍ ଲାଗି ୪୯ ଟା ବ୍ଲକ୍ ପ୍ରଭାବିତ୍ ହେଇଥିବାର୍ ବେଲେ ୩୩୧ଟା ଗ୍ରାମପଂଚାୟତର ୯୪୭ଟା ଗାଁ ଆର୍ ୫ଟା

ସହରାଂଚଳ ପ୍ରଭାବିତ ହୋଇଥିବାର୍ ଶ୍ରୀମତୀ ଗର୍ଗ କହିଛନ୍ । ଇଥି ୫ ଲାଖ୍ ୧୫ ହଜାର୍ ଲୋକ୍ ପ୍ରଭାବିତ୍ ହୋଇଥିବାର୍ ବେଲେ ୨ ଲାଖ ୩୭ ହଜାର ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯାଇଛେ ବଲି ମୁଖ୍ୟ ଶାସନ୍ ସଚିବ କହିଛନ୍...

(ଭଏସ୍ ଓଭର୍- ଅନୁ ଗର୍ଗ)

ବନ୍ୟା ଭୁବନେଶ୍ୱର୍ ସମ୍ବାଦଦାତା

ଲଘୁଚାପ୍‌ର ବଲେ ରାଏଜେ ହଉଥିବା ବର୍ଷାକେ ନେଇକରି ସହରାଂଚଲ୍ କର୍ତୃପକ୍ଷଙ୍କୁ ସତର୍କ ରହେବାର୍ ଲାଗି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ପରିସ୍ଥିତିର୍ ମୁକାବିଲା ଲାଗି ତୁର୍‌ତି, ସମନ୍ୱିତ ଆଉ ଜନକୈନ୍ଦ୍ରିକ ପଦକ୍ଷେପ୍ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ସେ କହିଛନ୍ । ସହରାଂଚଲ୍ ମାନ୍‌କେ ରାପିଡ୍ ରେସ୍‌ପନ୍ସ ଦଲ୍‌କେ ସତର୍କ ରହେବାର୍ ଆଉ ସବୁ ଯନ୍ତ୍ରପାତି ପ୍ରସ୍ତୁତ୍ ରଖିବାର୍ ଲାଗି ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ ।

ବିନୟତୋଷ୍ ମିଶ୍ର ଆଇ.ଆଣ୍ଡ୍.ପି.ଆର୍

ବରିଷ୍ଠ ଆଇପିଏସ୍ ଅଧିକାରୀ ଆଉ କ୍ରାଇମ୍ବ୍ରାଂଚ୍ର ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ଆଏଜ୍ ଆଘର୍ ଡିଜିପି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ନୁ ଓଡ଼ିଶା ପୁଲିସ୍ର ନୂଆଁ ଆରକ୍ଷୀ ମହାନିର୍ଦ୍ଦେଶକ୍ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ । କଟକ୍ ନ ଥିବା ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ପହଁଚିବାର୍ ଉତ୍ରୁ ବରିଷ୍ଠ ପୁଲିସ୍ ଅଧିକାରୀମାନେ ତାଙ୍କୁ ସ୍ୱାଗତ୍ ଜନାବାର୍ ସହେତେ ଗାର୍ଡ଼ ଅଫ୍ ଅନର୍ ଦିଆଯାଇଥିଲା । ଇ ଅବ୍ସରେ ଶ୍ରୀ ମିଶ୍ର ଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଲାଗି ରାଜ୍ୟ ସର୍କାର୍ଙ୍କୁ ଧନ୍ୟବାଦ୍ ଜନାବାର୍ ସହେତେ ନିଷ୍ଠାର୍ ସହେତେ ଇତାକେ ତୁଲାବେ ବଲି କହିଛନ୍ ।
(ଭଏସ୍ ଓଭର୍- ବିନୟତୋଷ୍ ମିଶ୍ର)

ୱାଇ.ବି.ଖୁରାନିୟା ଆର୍ଏନ୍ୟୁ/ କଟକ୍

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ଆଏଜ୍ ଅବସର ନେଇଛନ୍ । ଇ ଅବ୍ସରେ ବିଦାୟୀ ଅଭିଭାଷଣ୍ଥି ଶ୍ରୀ ଖୁରାନିଆ ଓଡ଼ିଶା ପୁଲିସ୍ର ସହୀଦ୍ମାନ୍କୁ

ଶ୍ରଦ୍ଧାଞ୍ଜଳି ଜଣେଇଛନ୍ । ସେ କହିଛନ୍, ଓଡ଼ିଶା ନ ନକ୍ସଲ୍ ଅଭିଯାନ୍ ସଫଲ୍ ହେଇଛେ ଆଉ ଓଡ଼ିଶା ପାଖାପାଖି ନକ୍ସଲ୍ ମୁକ୍ତ ହେଇପାରିଛେ । ନିଶାମୁକ୍ତ ଅଭିଯାନ୍‌ଥି ଭିଲ୍ ସଫଲତା ମିଳିଛେ ବଲି ସେ କହିଛନ୍ । ପାଖାପାଖି ୪ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ନିଶା ଜିନିଷ୍ ଜବତ୍ ହେଇଛେ ବଲି ଶ୍ରୀ ଖୁରାନିଆ ସୂଚ୍‌ନା ଦେଇଛନ୍ ।

ଭୁବ୍‌ନେଶ୍ୱର୍ ନ ଥିବା ପୁଲିସ୍ ଭବନ୍ ଠାନେ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ଶ୍ରୀ ଖୁରାନିଆ କହିଛନ୍, ରାଏଜେ ନକ୍ସଲ୍ ବିରୋଧୀ ଅଭିଯାନ୍‌କେ ପ୍ରଭାବ୍‌ଶାଳୀ କର୍‌ବାର୍ ଲାଗି ଆଘର୍ ସେନା କର୍ମଚାରୀମାନ୍‌କୁ ନେଇକରି ୩ ଟା ଅତିରିକ୍ତ ଓଏସ୍‌ଏସ୍‌ଏଫ୍ ବାଟାଲିୟନ୍ ଗଠନ୍ କରାଯାଇଛେ । ଆଉ ଇଥିର୍ ଲାଗି ୩ ହଜାର୍ ୯ ଟା ପଦ୍‌ବୀ ଅନୁମୋଦନ୍ କରାଯାଇଛେ ।

୧୯୯୦ ବେଚ୍‌ର ଭାରତୀୟ ପୁଲିସ୍ ସେବା ଅଧିକାରୀ ଭାବେ ଶ୍ରୀ ଖୁରାନିଆ ଆରକ୍ଷୀ ଅଧିକ୍ଷକ୍ ହିସାବେ ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ ଆଉ ରାଉରକେଲା ନ ସଫଲତାର୍ ସହେତେ କାମ୍ କରିଛନ୍ ।

ତାଙ୍କର୍ ଚାକିରୀ ସମିଆଥି ସେ ରାଷ୍ଟ୍ରପତି ପଦକ୍ ଆଉ ରାଜ୍ୟପାଲ୍ ପଦକ୍ ସହେତେ ଭିନ୍ ଭିନ୍ ସମ୍ମାନ୍‌ଥି ସମ୍ମାନିତ୍ ହେଇଥିଲେ । ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆଙ୍କର୍ କାର୍ଯ୍ୟକାଳ ଶେଷ୍ ହେବାର୍‌କେ ନେଇକରି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ଖୁରାନିଆଙ୍କର୍ ସମର୍ପିତ୍ ସେବା ଅଲ୍‌ଗାମାନ୍‌କର୍ ଲାଗି ପ୍ରେରଣା ଦାୟକ୍ ହେବା ବଲି କହିଛନ୍ । ରାଏଜେ ଆଇନ୍ ଶୃଙ୍ଖଲା ଆଉ ସଦ୍‌ଭାବନ ବଜାୟ ରଖ୍‌ବାର୍‌ଥି ତାଙ୍କର୍ ଅବଦାନ୍‌କେ ସୁର୍‌ତା କରିକରି ଓଡ଼ିଶା ପୁଲିସ୍‌କେ ଅଏତ୍‌କା ଦକ୍ଷ, ସଶକ୍ତ ଆଉ ଜନକୈନ୍ଦ୍ରିକ କର୍‌ବାର୍‌ଥି ଶ୍ରୀ ଖୁରାନିଆଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବାଜପେୟୀ-ଶ୍ରଦ୍ଧାଞ୍ଜଳି ଆର୍‌ଏନ୍‌ୟୁ/ କଟକ୍

ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର୍ ଆଏଜ୍ ତିରୋଧାନ୍ ଦିବସ୍ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରାଯାଉଛେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଳ ବିହାରୀ

ବାଜପେୟୀ ଝନେ ଦୂରଦର୍ଶୀ ରାଷ୍ଟ୍ରନେତା ଆଉ ଅସାଧାରଣ ନେତୃତ୍ୱର ଅଧିକାରୀ ଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧମଥି କହିଛନ୍, ଶ୍ରୀ ବାଜପେୟୀ ଦେଶର ବିକାଶ, ସୁଶାସନ ଆର୍ ଜାତୀୟ ଗୌରବ୍କେ ନୂଆଁ ଦିଗ୍ ଦେଇଥିଲେ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଆଘର୍ କେନ୍ଦ୍ରମନ୍ତ୍ରୀ ଆଉ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ପରିସର୍ ନ ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ୍ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିକରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଇ ଅବ୍ସରରେ ଶ୍ରୀ ସାମଲ ଦେଶ ଲାଗି ବାଜପେୟୀଙ୍କର୍ ଅବଦାନକେ ସୁର୍ତା କରିଛନ୍ ।

ମଧୁବାବୁ ପେନସନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ମଧୁବାବୁ ପେନସନ୍ ଯୋଜନା ଅଧୀନଥି ଆଏବା କାଏଲ୍‌ତକ୍ ସବୁ ଆବେଦନ୍‌ମାନ୍‌କର୍ ଯାଂଚ୍ ପ୍ରକ୍ରିୟା ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ, ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନଥି ୬୩ ହଜାର ୮୪୮ଟା ଅନ୍‌ଲାଇନ୍ ଆବେଦନର ଯାଂଚ ନାଇଁ ହେଇଥିବାର୍ ଜନାପଡ଼ିଛେ । ରାଜ୍ୟ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସବୁ ଜିଲ୍ଲାପାଳଙ୍କୁ ଧାରିଜ୍ ସମିଆ ଭିତ୍‌ରେ ଆବେଦନପତ୍ର ମାନ୍‌କର୍ ଯାଂଚ୍ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ଇହାଦେ ୩୬ ଲାଖ ୭୫ ହଜାର ୮ ଝନ୍ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାଥି ସାହାଜ୍ ଦିଆଯାଉଛେ ।

ରାଜସ୍ୱ ମନ୍ତ୍ରୀ      ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଝାର୍ସୁଗୁଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍‌ର ନୂଆଁ କାର୍ଯ୍ୟାଲୟକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ସେ କହିଛନ୍, ଝାର୍ସୁଗୁଡ଼ା ଜିଲ୍ଲାର୍ ସାମଗ୍ରିକ୍ ବିକାଶ୍ ଦିଗେ ପରିଷଦ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ସ୍ଥାନୀୟ ଇଲାକାର୍ ଆବଶ୍ୟକତା ଆଉ ସମସ୍ୟାକେ ପ୍ରାଥମିକତା ଦେଇକରି ବିକାଶ୍‌ମୂଲକ୍ ପ୍ରକଳ୍ପ ବଛାଯିବାର୍ ସହେତେ ସେମାନ୍‌କୁ ରୂପାୟନ୍ କରାଯିବା । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଲ୍, ରାସ୍ତାଘାଟ୍, ଜୀବିକା, ମହିଳା ଆଉ ଯୁଆନ୍ ବର୍ଗଙ୍କର୍ ସଶକ୍ତିକରଣ୍ ସହେତେ ମୌଳିକ୍ ଭିତିଭୂମି ବିକାଶ୍‌କେ ଜୋର୍ ଦିଆଯିବା ବଲି ଶ୍ରୀ ପୂଜାରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଅଧ୍ୟକ୍ଷ ଆଉ ଜିଲ୍ଲାପାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଖସାପଡ଼ା ନୀତି ପୁରୀ ସମ୍ବାଦଦାତା

ଶ୍ରାବଣ୍ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଖସାପଡ଼ା ନୀତି

କରାଯିବା । ଇଥିର୍‌ଲାଗି ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ସଞ୍ଝର୍ ୬ ନୁ ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇସମିଆଥି ୪ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରପଶ୍ଚିମ ବଙ୍ଗୋପସାଗର ନ ହେଇଥିବା ଲଘୁଚାପର ପ୍ରଭାବଥି ରାଜ୍ୟର ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଛେ । ଆଏବା ୩ ଦିନ୍‌ତକ୍ ଅତି ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ, ୪ ଟା ଜିଲ୍ଲାକେ ଆଏବା କାଏଲ୍‌ତକ୍ ସତର୍କତା ଜାରି କରାଯାଇଛେ । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଉ ଭଦ୍ରକ ଜିଲ୍ଲା ନ ଜବର୍ ନୁ ଅତି ଜବର୍ ବର୍ଷା ହେବା ବଲି ପାଣିପାଗ ବିଭାଗ୍ କହିଛେ । ଇ ସମିଆ ଭିତ୍‌ରେ

ଘଂଟାକ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ହେବାର୍ ସମ୍ଭାବନା ରହିଛେ ।

ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଅାଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍...

(ଭଏସ୍ ଓଭର୍ -ମନୋରମା ମହାନ୍ତି)